ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.03 - MARCH 2026

# ମୁଁ ଯଦି ମରିଯାଏ

ରାମଚନ୍ଦ୍ର ପ୍ରଧାନ



ମୁଁ ଯଦି ମରିଯାଏ
ତୁମେ କେବେ କାନ୍ଦିବନି
ମୋ କଥା ମନେ ପକେଇ
ଚାଲି ଆସିବ ଆମ ବାଲକୋନିର
ସେଇ ବେତ ଚେୟାର ପାଖକୁ
ଅଜାଡ଼ି ଦେବ ସେଠି ତୁମର ସବୁ ଅକୁହା କଥା
ମୋ ଶୂନ୍ୟ ସ୍ପର୍ଶରେ ଆଉଁସି ଦେବି ମୁଁ
କୋଳରେ ତୁମକୁ ଶୁଆଇ ଦେଇ ।
ମୁଁ ଯଦି ମରିଯାଏ
ତୁମେ କେବେ ଭାଙ୍ଗି ପଡ଼ିବନି
ଆମ ପୁରୁଣା ସମ୍ପର୍କରେ ଡୋରୀ ଲଗେଇ
ନିଜକୁ ଶକ୍ତ କରିବ ଦୁନିଆଁ ଦାଣ୍ଡରେ
ସହିଯିବ ଗାଁ ମାଇପିଙ୍କ ଟାହି ଟାପରା
ଆଡ଼େଇ ଦେବ ସବୁ ବାଧାବିଘ୍ନ
ଆଉ ହଁ..
ମୋ ମଲା ବାସି ରହିବନି ତୁମେ ଉପାସ
ଘର କୋଣରେ ଆଖିରୁ ଲୁହ ଗଡ଼େଇ ।
ମୁଁ ଯଦି ମରିଯାଏ
ତୁମେ କେବେ ରୁଷି ବନି
ତୁମେ କେବେ ରାଗି ବନି
ମୋ ପିଲାମାନଙ୍କ କଥାରେ ମୁହଁ ଶୁଖେଇ
ବୁଝାଇ ଦେବ ସେମାନଙ୍କୁ ମିଠା କଥା କହି
କେବେ ଭାବିବାକୁ ଦେବନି ମୁଁ ନାହିଁ ବୋଲି
ସବୁ ରାଗରୁଷାକୁ ପିଙ୍ଗି ଦେବ
ମୋ ଜୁଇ ନିଆଁରେ
ଆଉ ହଁ...
ଗୋଟେ କଥା ମନେ ରଖିବ
ନ ଖାଇ ନ ପିଇ ରହିବନି ଭୋକରେ
ଦିନ ଦି' ପହର ଯାଏଁ
କାଳେ ପତଳା ହୋଇଯିବ ଭାବି
ଡରନି ବା.. ତମେ ଏତେ ମୋଟା ହେଇନ
ତୁମକୁ ମୋ ରାଣ....
ଅନିଦ୍ରା ରହିବନି କେବେ ନିରୋଳାରେ ସାରାରାତି
ବେଶି ଭାବିବନି କେବେ ଆମ ପ୍ରେମ ମନ୍ତୁରା କଥା
ମୋ ବତୁରା ସ୍ମୃତି ଆଲିଙ୍ଗନେ ଭିଜିଯାଇ ।
ଜାଣେନା.....
ମୁଁ ଫେରିବି କି' ନାହିଁ
ଆର ଜନମକୁ ତୁମରି ପାଶେ
ହେଲେ କଥା ଦେଉଛି ମୁଁ ନିତି ଆସୁଥିବି ଏ ଜନ୍ମରେ
ତୁମ ନିଃସଙ୍ଗତାରେ କାଉଁରୀ ସ୍ପର୍ଶ ଦେବାକୁ
ନିର୍ଜନ ରାତିର ସାଥିଟେ ହୋଇ ।

**ଶିକ୍ଷକ, ଟେକ୍ନିକାଲ୍ ହାଇସ୍କୁଲ୍ ଆସିକା, ଗଞ୍ଜାମ**
**ସାନ୍ତରାପଲ୍ଲୀ, କନିଆରୀ, କବିସୂର୍ଯ୍ୟ ନଗର**
**ମୋ - ୯୮୬୧୬୩୮୭୩୬**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0.  [ visit online - https://www.banamalli.org ]*